# ଓଡ଼ିଶାରେ ପହଞ୍ଚିଲା ଟିକା



**ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍:**

ରାଜ୍ୟକୁ ମିଳିଲା କରୋନା ଟିକା। ମଙ୍ଗଳବାର କରୋନା ଭାକ୍ସିନ କୋଭିସିଲ୍ଡ ଭୁବନେଶ୍ୱରରେ ପହଞ୍ଚିଛି। ପୁଣେ ସ୍ଥିତ ସେରମ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ସ୍ପାଇସ ଜେଟ୍ ବିମାନରେ ଏହି ଟିକା ଆସିଛି। ଟିକା ନେଇ ଆସିଥିବା ବିମାନ ଏୟାରପୋର୍ଟରେ ପହଞ୍ଚିବା ପରେ ତୁରନ୍ତ ସେଥିରୁ ଟିକା କାଢ଼ି ଏୟାରପୋର୍ଟରୁ ରାଜ୍ୟ ଭାକ୍ସିନ ସେଣ୍ଟରକୁ ନିଆଯାଇଛି। ଏନେଇ ପୂର୍ବରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଭୁବନେଶ୍ୱରରେ ଟିକା ପହଞ୍ଚିବା ପରେ ପ୍ରଥମେ ରାଜ୍ୟ ଟିକା କେନ୍ଦ୍ରକୁ ନିଆଯିବାକୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ରାଜ୍ୟ ଭାକ୍ସିନ୍ ସେଣ୍ଟରରେ ଏହି ଟିକା ସବୁ ରହିଛି। ସେଠାରୁ ନିଜ ଜିଲ୍ଲାକୁ ଟିକା ନେଇଯିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ସେମାନେ ଭ୍ୟାକସିନ ଗାଡ଼ି ପଠାଇ ସେମାନଙ୍କ ଟିକା ନେଇଯିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ଭୁବନେଶ୍ୱରର ୨୧ ହଜାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡିର କର୍ମଚାରୀମାନଙ୍କ ଲିଷ୍ଟ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ସେହିପରି ସମୁଦାୟ ୨୭ଟି ସରକାରୀ ହସ୍ପିଟାଲ ଓ ୧୮ଟି ପ୍ରାଇଭେଟ୍ ହସ୍ପିଟାଲରେ ଭ୍ୟାକସିନେସନ ସେଣ୍ଟର କରିବାକୁ ନିଷ୍ପତ୍ତି ହୋଇଛି ବୋଲି ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି ।

ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରର ୫ଟି ଲୋକେସନରେ କୋଭିଡ୍ ଭାକସିନ୍ ଲଞ୍ଚ କରାଯାଉଛି। ଟିକା ପହଞ୍ଚିବା ପୂର୍ବରୁ ଭାକସିନ୍ ସେଣ୍ଟର ବୁଲି ଦେଖିଥିଲେ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର। ଭୋର୍ ପ୍ରାୟ ସାଢ଼େ ୪ଟାରେ ପ୍ରଥମେ ପୁଣେର ସିରମ ଇନଷ୍ଟିଟ୍ୟୁଟ୍‌ରୁ ସ୍ୱତନ୍ତ୍ର ଟ୍ରକ୍‌ରେ ଟିକାଗୁଡିକୁ ବିମାନ ବନ୍ଦର ଅଣାଯାଇଥିଲା। ଏଥିପାଇଁ ଟିକା ଟ୍ରକ୍‌ଗୁଡିକୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ପରେ ବିମାନ ବନ୍ଦରରୁ ସ୍ପାଇସ୍ ଜେଟ୍ ବିମାନରେ ଟିକାକୁ ଭୁବନେଶ୍ୱର ଅଣାଯାଇଥିଲା। ଟିକା ଆସିବା ପୂର୍ବରୁ ଟିକାକରଣ ସମ୍ପର୍କିତ ସୂଚନା ଦେଇଥିଲେ ଡିଏମଇଟି ନିର୍ଦ୍ଦେଶକ ଡାକ୍ତର ସିବିକେ ମହାନ୍ତି। ସେ କହିଥିଲେ ଯେ ଟିକା ଆସିବା ମାତ୍ରେ ଟିକାକରଣ ଆରମ୍ଭ ହେବ। ମୋଟ୍ ୪୦ ହଜାର ୮୦୦ ଟିକା ଶିଶି ଆସୁଥିବା ନେଇ ସେ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୨୮ ହଜାର ୬୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ତାଲିକା ଦିଆଯାଇଛି।